ସୂଚନା ଓ ଲୋକ ସଂପର୍କ ବିଭାଗ
Information & Public Relations Department
Government of Odisha, Bhubaneswar-751001
Phone : (91-674) 2536736 /2390818 (Fax)
e-mail : iprsec.or@nic.in

# ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ ଅଧୀନସ୍ଥ ବୈଧମାପ ବିଜ୍ଞାନ ନିର୍ଦ୍ଦେଶାଳୟ ପକ୍ଷରୁ ରାଜ୍ୟର ବିଭିନ୍ନ ପେଟ୍ରୋଲ୍ ପମ୍ପରେ ଯାଞ୍ଚ

## ୧ ଲକ୍ଷ ୮୩ ହଜାର ଟଙ୍କା ଜରିମାନା ଆଦାୟ

ଭୁବନେଶ୍ୱର, ୦୩ ଫେବୃଆରୀ ୨୦୨୦

ଓଡ଼ିଶା ସରକାରଙ୍କ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ ଅଧୀନସ୍ଥ ବୈଧମାପ ବିଜ୍ଞାନ ନିର୍ଦ୍ଦେଶକଙ୍କ ଅଧକ୍ଷତାରେ ଆଜି ସାତଟି ସ୍କ୍ୱାଡ୍ ଗଠନ କରାଯାଇ ଭୁବନେଶ୍ୱର, ବ୍ରହ୍ମପୁର, କଟକ, ଜଗତସିଂହପୁର, ବାଲେଶ୍ୱର, ସମ୍ବଲପୁର ଓ ରାଉରକେଲାର ପେଟ୍ରୋଲ୍ ପମ୍ପଗୁଡ଼ିକରେ ଅଚାନକ ଯାଞ୍ଚ କରାଯାଇଛି । ୩୪ଟି ପେଟ୍ରୋଲ୍ ପମ୍ପରେ କରାଯାଇଥିବା ଯାଞ୍ଚରୁ ୭ଟି ପମ୍ପରୁ କମ୍ ମାପ ପାଇଁ ଏବଂ ୯ଟି ପମ୍ପରୁ ବୈଧମାପ ବିଜ୍ଞାନ ନିୟମର ଅନ୍ୟାନ୍ୟ ତ୍ରୁଟି ପାଇଁ ସମୁଦାୟ ୧ ଲକ୍ଷ ୮୩ ହଜାର ଟଙ୍କା ଜରିମାନା ଆଦାୟ ହୋଇଛି ।

ଗତ ଜାନୁଆରୀ ୨୮ ତାରିଖରେ ବୈଧ ମାପ ଓ ଓଜନ (ଲିଗାଲ୍ ମେଟ୍ରୋଲୋଜି) ନିର୍ଦ୍ଦେଶାଳୟ ଦ୍ୱାରା କରାଯାଉଥିବା ବିଭିନ୍ନ କାର୍ଯ୍ୟକ୍ରମର ସମୀକ୍ଷା କରିବା ଅବସରରେ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ, ସମବାୟ ମନ୍ତ୍ରୀ ଶ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ଅସାଧୁ ବ୍ୟବସାୟକୁ ରୋକିବା ତଥା ଖାଉଟିଙ୍କ ସୁରକ୍ଷା ନିମନ୍ତେ ରାଜ୍ୟରେ ବ୍ୟବସାୟ ପ୍ରତିଷ୍ଠାନ ଓ ଶିଳ୍ପ ପ୍ରତିଷ୍ଠାନଗୁଡ଼ିକର ମାପ ଓ ଓଜନ ଠକେଇ ଯାଞ୍ଚ ବ୍ୟବସ୍ଥାକୁ କଡ଼ାକଡ଼ି କରିବାକୁ ନିର୍ଦ୍ଦେଶ ଦେଇଥିଲେ । ଏଥି ସହିତ ପେଟ୍ରୋଲ୍ ପମ୍ପଗୁଡ଼ିକରେ ମଧ ଯାଞ୍ଚ ବ୍ୟବସ୍ଥା କଡ଼ାକଡ଼ି କରାଯିବ ବୋଲି ମନ୍ତ୍ରୀ ଶ୍ରୀ ସ୍ୱାଇଁ କହିଥିଲେ । ଏହି ପରିପ୍ରେକ୍ଷୀରେ ଆଜି ବିଭାଗ ପକ୍ଷରୁ ରାଜ୍ୟର ବିଭିନ୍ନ ସ୍ଥାନରେ ଯାଞ୍ଚ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରାଯାଇଛି ।

ଭୁବନେଶ୍ୱରର ୩ଟି ପେଟ୍ରୋଲ୍ ପମ୍ପରେ କରାଯାଇଥିବା ଯାଞ୍ଚରୁ ଗୋଟିଏ ସ୍ଥାନରେ କମ୍ ମାପ ପାଇଁ ୨୦ ହଜାର ଟଙ୍କାର ଜରିମାନା ଆଦାୟ କରାଯାଇଛି । ସେହିପରି ବ୍ରହ୍ମପୁରରେ ଯାଞ୍ଚ କରାଯାଇଥିବା ୯ଟି ପେଟ୍ରୋଲ୍ ପମ୍ପ ମଧ୍ୟରୁ କମ ମାପ ପାଇଁ ଦୁଇଟି ଓ ସତ୍ୟାପିତ ପ୍ରମାଣପତ୍ର ଟଙ୍ଗାଯାଇ ନଥିବାରୁ ଗୋଟିଏ ପମ୍ପରୁ ସମୁଦାୟ ୨୫ ହଜାର ଟଙ୍କା ଜରିମାନା ଆଦାୟ ହୋଇଛି ।

କଟକର ୫ଟି ପେଟ୍ରୋଲ୍ ପମ୍ପରେ ଯାଞ୍ଚ କରାଯାଇଥିବାବେଳେ ଗୋଟିଏ ପମ୍ପରେ ସତ୍ୟାପିତ ପ୍ରମାଣପତ୍ର ଟଙ୍ଗା ଯାଇନଥିବାରୁ ୨୦ ହଜାର ଟଙ୍କା ଜରିମାନା ଓ ଜଗତସିଂହପୁରର ୪ଟି ପେଟ୍ରୋଲ୍ ପମ୍ପ ମଧ୍ୟରୁ ଗୋଟିକୁ କମ ମାପ ପାଇଁ ଓ ଅନ୍ୟ ଗୋଟିକୁ ସତ୍ୟାପିତ ପ୍ରମାଣପତ୍ର ଟଙ୍ଗା ଯାଇ ନଥିବାରୁ ୪୦ ହଜାର ଟଙ୍କା ଜରିମାନା ଆଦାୟ କରାଯାଇଛି ।

ବାଲେଶ୍ୱରର ୫ଟି ପେଟ୍ରୋଲ୍ ପମ୍ପ ମଧ୍ୟରେ ତିନୋଟି ସ୍ଥାନରେ ସତ୍ୟାପିତ ପ୍ରମାଣପତ୍ର ପାଇଁ ୨୫ ହଜାର ଟଙ୍କା ଓ ସମ୍ବଲପୁରର ୪ଟି ପେଟ୍ରୋଲ୍ ପମ୍ପ ମଧ୍ୟରୁ ଗୋଟିକରେ କମ୍ ମାପ ପାଇଁ ଅନ୍ୟ ଅନ୍ୟଟିକୁ ସତ୍ୟାପିତ ପ୍ରମାଣପତ୍ର ଟଙ୍ଗା ହୋଇନଥିବାରୁ ୨୮ ହଜାର ଟଙ୍କା ଜରିମାନା ଆଦାୟ କରାଯାଇଛି । ରାଉରକେଲାର ୪ଟି ପେଟ୍ରୋଲ୍ ପମ୍ପରେ କରାଯାଇଥିବା ଯାଞ୍ଚରୁ ଦୁଇଟି ସ୍ଥାନରେ କମ୍ ମାପ ପାଇଁ ଓ ଗୋଟିଏ ସ୍ଥାନରେ ସତ୍ୟାପିତ ପ୍ରମାଣପତ୍ର ଟଙ୍ଗା ହୋଇନଥିବାରୁ ଏହି ବାବଦରେ ୨୫ ହଜାର ଟଙ୍କା ଜରିମାନା ଆଦାୟ କରାଯାଇଛି ବୋଲି ବୈଧମାପ ବିଜ୍ଞାନ ନିର୍ଦ୍ଦେଶାଳୟ ସୂତ୍ରରୁ ପ୍ରକାଶ ।

ତାପସ କୁମାର ସାହା
ସୂଚନା ଅଧିକାରୀ